# NATIONAL NEWS BULLETIN (ODIA)

**21 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ।

- ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନେପାଳର ସଂସଦରେ ଆଜି ଆସ୍ଥା ଭୋଟ୍ ଲୋଡ଼ିବେ ନବନିର୍ବାଚିତ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ।

- ରୁଦ୍ରପ୍ରୟାଗଠାରେ ଭୂ-ସ୍ଖଳନ ଘଟି ତିନି ତୀର୍ଥଯାତ୍ରୀଙ୍କର ମୃତ୍ୟୁ ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ଆଉ ଅଳ୍ପ ସମୟ ମଧ୍ୟରେ ଆରମ୍ଭ ହେବ ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍ ମୁକାବିଲା ।

## ଡେ ଗଭ୍‌-ଅଲ୍ ପାର୍ଟି ମିଟ୍

ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀଠାରେ ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, କିରଣ ରିଜିଜୁ, ଅର୍ଜୁନ ରାମ ମେଘୱାଲ, ଜେ.ପି. ନଡ୍ଡା, ଚିରାଗ ପାଶୱାନ, ରାମଦାସ ଅଠାୱାଲେ, କଂଗ୍ରେସ ନେତା ଜୟରାମ ରମେଶ, ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଡିଏମ୍‌କେ ନେତା ଟି.ଆର୍.ବାଲୁ ଏବଂ ତିରୁଚି ସିବା, ଏଆଇଏମ୍‌ଆଇଏମ୍ ସାଂସଦ ଆଶାଦୁଦିନ ଓ୍ୱାଇସି ପ୍ରମୁଖ ଅଂଶଗ୍ରହଣ କରିଛନ୍ତି । ସରକାରଙ୍କ ପକ୍ଷରୁ ବୈଠକରେ ସଂସଦର ଉଭୟ ଗୃହର ସୁପରିଚାଳନା ନିମନ୍ତେ ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ା ଯାଇଥିଲା ।

ବଜେଟ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦୀ ସରକାରଙ୍କର ତୃତୀୟ ପାଳିରେ ଏହା ହେବ ପ୍ରଥମ ବଜେଟ । ଗତମାସରେ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, ଏହି ବଜେଟ ସରକାରଙ୍କର ସୁଦୂରପ୍ରସାରୀ ନୀତି ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଏକ ପ୍ରଭାବଶାଳୀ ଦସ୍ତାବିଜ ହେବ । ଏହି ଅଧିବେଶନରେ ସରାକର ୬ଟି ନୂତନ ବିଧେୟକ ଆଗତ କରିପାରନ୍ତି ।

---

## ୱାର୍ଲଡ୍ ହେରିଟେଜ୍ କମିଟି

ବିଶ୍ୱ ଐତିହ୍ୟ କମିଟିର ୪୬ତମ ଅଧିବେଶନ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧିବେଶନକୁ ଉଦ୍‌ଘାଟନ କରିବେ। ଭାରତ୍ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ୩୧ ତାରିଖ ପର୍ଯ୍ୟ ଚାଲିବ। ଭାରତ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି । ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଅଧିବେଶନରେ ବିଶ୍ୱ ଐତିହ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ଐତିହ୍ୟ ତାଲିକାରେ ସ୍ଥାନିତ ହେବାକୁ ଥିବା ସ୍ଥାନଗୁଡ଼ିକ ସମ୍ପର୍କରେ ବିଚାର ବିମର୍ଶ କରାଯାଏ । ଏଥିସହ ୧୨୪ଟି ତାଲିକାଭୁକ୍ତ ବିଶ୍ୱ ଐତିହ୍ୟ ସ୍ମାରକୀଗୁଡ଼ିକର ସଂରକ୍ଷଣ ରିପୋର୍ଟ, ଆନ୍ତର୍ଜାତିକ ସହାୟତା ଏବଂ ଐତିହ୍ୟ ପାଣ୍ଠିର ଉପଯୋଗ ଉପରେ ଆଲୋଚନା କରାଯାଏ ।

ଏହି ସମାରୋହରେ ୟୁନେସ୍କୋର ମହାନିର୍ଦ୍ଦେଶକ ମାଡାମ୍ ଔଡ୍ରେ ଅଜୌଲେ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସଚିବାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦେଶର ସଂସ୍କୃତିମନ୍ତ୍ରୀ, ରାଷ୍ଟ୍ରଦୂତ ଏବଂ ବିଶେଷଜ୍ଞଙ୍କ ସମେତ ୧୫୦ଟି ରାଷ୍ଟ୍ରର ଦୁଇ ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେଉଛନ୍ତି । ଏହି ବୈଠକରେ ଭାରତର ବିବିଧତା ଏବଂ ଅନନ୍ୟ ସାଂସ୍କୃତିକ ତଥା ପ୍ରାକୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରାଯିବ । ଏଭଳି ଆନ୍ତର୍ଜାତିକ ବୈଠକ' ବିଶ୍ୱରେ ଭାରତର ଶକ୍ତିକୁ ଆହୁରି ଦୃଢ଼ୀଭୂତ କରିବା ସହିତ ବିଶ୍ୱସ୍ତରରେ ପ୍ରସାର ପାଇଁ ମଧ୍ୟ ଏକ ସୁଯୋଗ ପ୍ରଦାନ କରିବ ।

ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୨ଟି ସ୍ମାରକୀକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ବ୍ୟତୀତ ଅସ୍ଥାୟୀ ତାଲିକାରେ ଭାରତର ୫୭ଟି ସ୍ମାରକୀ ସ୍ଥାନିତ ହୋଇଛି ।

## ପିଏମ୍-ଗୁରୁପୂର୍ଣ୍ଣିମା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁରୁପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ତାଙ୍କର ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି । ଆଷାଢ଼ ମାସ ପୂର୍ଣ୍ଣମୀ ତିଥିରେ ଗୁରୁପୂର୍ଣ୍ଣିମା ପର୍ବ ପାଳିତ ହୋଇଥାଏ । ଜନସାଧାରଣ ଏହି ଦିବସରେ ସେମାନଙ୍କର ଗୁରୁ ଏବଂ ଆଧ୍ୟାତ୍ମିକ ଦିଗ୍‌ଦର୍ଶକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥାନ୍ତି । ଆଜିର ଦିନଟିକୁ ମଧ୍ୟ ସନ୍ଥ ବେଦବ୍ୟାସଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରାଯାଇ ବ୍ୟାସପୂର୍ଣ୍ଣିମା ରୂପେ ପାଳନ କରାଯାଇଥାଏ ।

## ପିଏମ୍-ଖଡଗେ ବାର୍ଥ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଶ୍ରୀ ଖଡଗେଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରିଛନ୍ତି । ୨୦୨୧ ମସିହାରୁ ଶ୍ରୀ ଖଡଗେ ରାଜ୍ୟସଭାରେ ବିରୋଧୀ ଦଳର ନେତା ରହି ଆସିଛନ୍ତି । ୨୦୨୦ ମସିହାରୁ ସେ କର୍ଣ୍ଣାଟକରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।

# ଉତ୍ତରାଖଣ୍ଡ-କେଦାରନାଥ

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲା ଅନ୍ତର୍ଗତ କେଦାରନାଥ ଯାତ୍ରାପଥରେ ଚିଦଓ୍ୱାସା ନିକଟବର୍ତ୍ତୀ ଅଞ୍ଚଳରେ ଆଜି ସକାଳେ ଭୂସ୍ଖଳନ ଯୋଗୁଁ ୩ଜଣ ତୀର୍ଥଯାତ୍ରୀ  ପ୍ରାଣ ହରାଇ ଥିବାବେଳେ ୫ଜଣ ଆହତ ହୋଇଛନ୍ତି । ମୃତ୍ୟୁ ଘଟିଥିବା ୩ଜଣଙ୍କ ମଧ୍ୟରୁ ୨ଜଣ ମହାରାଷ୍ଟ୍ରର ଏବଂ ଜଣେ ସ୍ଥାନୀୟ ବାସୀନ୍ଦା ବୋଲି ଜଣାପଡିଛି । ସେହି ତୀର୍ଥଯାତ୍ରୀମାନେ ଗୌରୀକୁଣ୍ଡରୁ କେଦାରନାଥ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି । ଆହତମାନଙ୍କୁ ଗୌରୀକୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କୁ ଯଥାସମ୍ଭବ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

---

# ଜେକେ-ଅମରନାଥ ଯାତ୍ରା

ଜାମ୍ମୁ-କାଶ୍ମୀରରେ ଦୀର୍ଘ ୨୨ ଦିନ ଧରି ଚାଲିଥିବା ପବିତ୍ର ଅମରନାଥ ଯାତ୍ରାରେ ଏପର୍ଯ୍ୟନ୍ତ ୩ଲକ୍ଷ ୮୬ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଛନ୍ତି । ଏହି ଯାତ୍ରା ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇଥିଲା । ୩ହଜାର ୧୧୩ଜଣ ଯାତ୍ରୀଙ୍କୁ ନେଇ ଆଜି ୨୩ତମ ପର୍ଯ୍ୟାୟ ଯାତ୍ରୀଦଳ ଜାମ୍ମୁର ଭଗବତୀ ନଗର ଯାତ୍ରୀ ନିବାସରୁ ୧୨୩ଟି ଗାଡ଼ିରେ ଯାତ୍ରା ଆରମ୍ଭ କରିଛନ୍ତି । ଗଣ୍ଡେରଓ୍ୱାଲ ଜିଲ୍ଲାର ବଲତାଲ ଶିବିରରୁ ଜାମ୍ମୁ ଅଭିମୁଖେ ୪୮ଟି ଗାଡ଼ିରେ ଏକହଜାର ୧୫୩ଜଣ ତୀର୍ଥଯାତ୍ରୀ ଯାତ୍ରା

କରିଥିବାବେଳେ ଅନନ୍ତନାଗ ଜିଲ୍ଲାର ପେହେଲଗ୍ରାମ ଶିବିରରୁ ୭୫ଟି ଗାଡ଼ିରେ ୧ହଜାର ୯୬୦ଜଣ ଯାତ୍ରୀ ଯାତ୍ରା ଆରମ୍ଭ କରିଥିଲେ । ଚଳିତବର୍ଷର ଏହି ଅମରନାଥ ଯାତ୍ରା ୫୨ଦିନ ଧରି ଚାଲିବ ଏବଂ ଆସନ୍ତାମାସ ୧୯ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ ଯାତ୍ରା ସମ୍ପନ୍ନ ହେବ ।

## ନେପାଳ - ପି.ଏମ୍.

ନେପାଳର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଆଜି ସଂସଦରେ ଆସ୍ଥା ଭୋଟ୍ ଲୋଡ଼ିବେ। ନେପାଳର ସମ୍ବିଧାନ ଅନୁଯାୟୀ ନବ ନିଯୁକ୍ତ ପ୍ରଧାନମନ୍ତ୍ରୀ ୩୦ ଦିନ ମଧ୍ୟରେ ସଂସଦରେ ଆସ୍ଥା ଭୋଟ୍ ଲୋଡ଼ିବେ । ୭୨ ବର୍ଷୀୟ ବରିଷ୍ଠ କମ୍ୟୁନିଷ୍ଟ ନେତା ଚତୁର୍ଥ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ନେପାଳର ସର୍ବବୃହତ୍ କମ୍ୟୁନିଷ୍ଟ ପାର୍ଟି ସି.ପି.ଏନ୍.-ୟୁ.ଏମ୍.ଏଲ୍.ର ଅଧ୍ୟକ୍ଷ ଶ୍ରୀ ଓଲିଙ୍କୁ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ପ୍ରଧାନମନ୍ତ୍ରୀ ଭାବରେ ଶପଥପାଠ କରାଇଛନ୍ତି । ପୁଷ୍ପକମଲ୍ ଦହଲ ପ୍ରଚଣ୍ଡଙ୍କ ସରକାର ଆସ୍ଥା ଭୋଟ୍‌ରେ ପରାସ୍ତ ହେବା ପରେ ଶ୍ରୀ ଓଲି ସରକାର ଗଠନ କରିଛନ୍ତି । ଆସ୍ଥା ଭୋଟ୍ ଜିତିବାପାଇଁ ଶ୍ରୀ ଓଲିଙ୍କୁ ୨୭୫ ସଦସ୍ୟ ବିଶିଷ୍ଟ ସଂସଦର ୧୩୮ଟି ଭୋଟ୍‌ର ଆବଶ୍ୟକତା ରହିଛି । ତେବେ ଶ୍ରୀ ଓଲିଙ୍କ ମେଣ୍ଟ ସରକାରର ୧୬୬ ଜଣ ସଦସ୍ୟ ରହିଛନ୍ତି ।

## ଇଣ୍ଡିଆ-ଲାଓସ୍

ଲାଓସ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଲାଓସ୍‌ର ସାଇବର ସ୍କାମିଂ କେନ୍ଦ୍ରରୁ ୧୩ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କୁ ସୁରକ୍ଷିତ ଭାବେ ଭାରତକୁ ପଠାଇ ଦିଆଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଏପର୍ଯ୍ୟନ୍ତ

୫୧୮ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇ ସାରିଲାଣି । ଏହି ଘଟଣାରେ ସହଯୋଗ କରିଥିବାରୁ ଲାଓ କର୍ତ୍ତୃପକ୍ଷଙ୍କୁ ଦୂତାବାସ ପକ୍ଷରୁ ଧନ୍ୟବାଦ ଦିଆଯାଇଛି । କୌଣସି ମିଥ୍ୟା ଏବଂ ପ୍ରବଞ୍ଚନାମୂଳକ ଚାକିରୀରେ ପ୍ରଲୋଭିତ ନହେବା ଲାଗି ଭାରତୀୟ ନାଗରିକମାନଙ୍କୁ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଇସ୍ରାଏଲ – ହାଉତି

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ଭିଡ଼ିଓ ବାର୍ତ୍ତାରେ ଇସ୍ରାଏଲକୁ ସବୁଦିଗରୁ ରକ୍ଷା କରିବା ଲାଗି ପ୍ରତିଶ୍ରୁତିବଦ୍ଧତାକୁ ପ୍ରକାଶ କରିଛନ୍ତି । ଟେଲିଭିଜନ ମାଧ୍ୟମରେ ଉଦ୍‌ବୋଧନ ଦେଇ ଶ୍ରୀ ନେତାନ୍ୟାହୁ କହିଛନ୍ତି ଯେଉଁମାନେ ଇସ୍ରାଏଲକୁ କ୍ଷତି ପହଞ୍ଚାଇବା ଲାଗି ଉଦ୍ୟମ କରିବେ ସେମାନଙ୍କର ଉଚିତ୍ ମୂଲ୍ୟ ମିଳିବ । ଇସ୍ରାଏଲ ଏବଂ ତା'ର ସହଯୋଗୀ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରତିରକ୍ଷା କାର୍ଯ୍ୟାନୁଷ୍ଠାନକୁ ଶ୍ରୀ ନେତାନ୍ୟାହୁ ପ୍ରଶଂସା କରିଛନ୍ତି । ଏମେନ୍‌ର ହାଉତି ମିଲିସିଆ ଉପରେ ଗତକାଲି ହୋଇଥିବା ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ନେତାନ୍ୟାହୁ ଏପରି ବାର୍ତ୍ତା ଦେଇଛନ୍ତି । ଇସ୍ରାଏଲର ସାମରିକ ଦଳ ହୋଦେଇଦାହସ୍ଥିତ ତୈଳଟାଙ୍କିକୁ ଲକ୍ଷ୍ୟକରି ବୋମା ଆକ୍ରମଣ କରିଥିଲେ । ପୂର୍ବରୁ ହାଉତି ଗ୍ରୁପ୍ ଗତ ଶୁକ୍ରବାର ତେଲଆବିଭ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲା । ଏଥିରେ ଜଣେ ଇସ୍ରାଏଲ ନାଗରିକ ପ୍ରାଣ ହରାଇଥିବାବେଳେ ୧୦ଜଣ ଆହତ ହୋଇଥିଲେ ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି । ସେହିପରି ଉତ୍ତରାଖଣ୍ଡରେ ଆଜି ଏବଂ ଆସନ୍ତାକାଲି ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ କୋଙ୍କଣ, ଗୋଆ, ମଧ୍ୟ ମହାରାଷ୍ଟ୍ର, ଗୁଜୁରାଟ ଏବଂ ମଧ୍ୟପ୍ରଦେଶରେ ଅଧିକାଂଶ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଛତିଶଗଡ ଏବଂ କର୍ଣ୍ଣାଟକ ଉପକୂଳ ଅଞ୍ଚଳରେ ଆଜି ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୫ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତର ଅଧିକାଂଶ ଅଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

---

# ୱିମେନ୍ କ୍ରିକେଟ୍ - ଏସିଆ କପ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ଆଉ ଅଳ୍ପ ସମୟ ମଧ୍ୟରେ ଆରମ୍ଭ ହେବ ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ୍ ମୁକାବିଲା । ଶ୍ରୀଲଙ୍କାର ରାଙ୍ଗିରି ଦାମ୍ବୁଲା ଅନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଟସ୍ ଜିତି ୟୁଏଇ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲ୍ ପର୍ଯ୍ୟାୟରେ ନିଜର ସ୍ଥାନ ସୁନିଶ୍ଚିତ କରିପାରିବ ।

ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ୭ଟାରେ ପାକିସ୍ତାନ ଓ ନେପାଳ ମଧ୍ୟରେ ମୁକାବିଲା ହେବ ।

---

# ଟେନିସ୍

ସ୍ୱେଦେଶ ଓପନ ଟେନିସ୍ ପୁରୁଷ ଡବଲ୍ସ ଫାଇନାଲ ମ୍ୟାଚ୍‌ରେ ଆଜି ଫ୍ରାନ୍ସର ଗ୍ରେଗୋରେ ଜାକ୍ ଏବଂ ମାନୁଏଲ ଗିନାର୍ଡଙ୍କ ଯୋଡ଼ି ବ୍ରାଜିଲର ଓର୍ଲାଣ୍ଡୋ ଲୁଜ୍ ଏବଂ ରାମେଲ ମାଟୋସଙ୍କ ଯୋଡ଼ି ମଧ୍ୟରେ ମୁକାବିଲା ହେବ । ବସ୍ତାଦଠାରେ ଆଜି ଭାରତୀୟ ସମୟ ଦିନ ୩ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବରୁ ଫ୍ରାନ୍ସର ଜାକ୍ ଏବଂ ଗିନାର୍ଡଙ୍କ ଯୋଡ଼ି ଇକୋଡୋରିଆନ୍-କାଜାକସ୍ତାନର ଆଲେକଜାଣ୍ଡାର ନେଦୋଭେସୋଭ ଏବଂ ଗୋଞ୍ଜାଲୋ ଏସ୍କୋବାର୍ ଯୋଡ଼ିକୁ ପ୍ରଥମ ସେମିଇଫାଇନାଲରେ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଥିଲେ ।

ସେହିପରି ବ୍ରାଜିଲର ଲୁଜ୍ ଏବଂ ମାଟୋସ୍‌ଙ୍କ ଯୋଡ଼ି ସ୍ପେନ୍-ନରୱେର ଯୋଡ଼ି ରାଫେଲ ନାଦାଲ ଏବଂ କାଶ୍‌ପର ରୁଡ୍‌ଙ୍କୁ ଅନ୍ୟଏକ ସେମିଫାଇନାଲରେ ପରାସ୍ତ କରିଥିଲେ ।